## ୨୦୩୮ କେଜି ଗଞ୍ଜେଇ ଜବତ



ଫୁଲବାଣୀ,୨।୪(ସମିସ): ବାଲିଗୁଡ଼ା ପୁଲିସ ପାଇଁ ପୁଣି ଏକ ସଫଳତା। କନ୍ଧମାଳ ଜିଲ୍ଲାରେ ଏସ୍‌ପି ହରିଶ୍ ବିଶିଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ନେଇ ବିଭିନ୍ନ ଥାନା ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଚଢ଼ଉ ଜାରି ରହିଛି। ଗତ ମଙ୍ଗଳବାର ପୁଲିସ ପକ୍ଷରୁ ବାଲିଗୁଡ଼ା ଥାନା ଅନ୍ତର୍ଗତ ଲଣ୍ଡାଗାଁ ଅଞ୍ଚଳରେ ପୁଲିସର ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରି ଗଚ୍ଛିତ ଥିବା ୨୦୩୮ କେଜି ବେଆଇନ ଗଞ୍ଜେଇ ଜବତ କରିଛି। ଏସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି। ଏଥିରେ କାହାକୁ ଗିରଫ କରାଯାଇନାହିଁ। ଗଞ୍ଜେଇ ମାଫିଆ ବେଆଇନ ଭାବେ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରିବାକୁ ଗଚ୍ଛିତ ରଖିଥିବା ପୁଲିସ ସନ୍ଦେହ କରୁଛି।

## ଗୁରାଣ୍ଡିରେ ଓଡ଼ିଶା ଦିବସ



ଗୋଷାଣି,୨।୪(ସମିସ): ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟ ପରିସରରେ ୯୧ ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଯୋଗଦେଇ ହାଇସ୍କୁଲ ପରିସରରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଡି.ଧନଞ୍ଜୟ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପିତବାସ ସାମଲ, ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସଂପାଦକ ରାଜେନ୍ଦ୍ର ରାଉତ ଉପସ୍ଥିତରହିଓଡ଼ିଶାପ୍ରଦେଶଗଠନରେମହାରାଜାଙ୍କଅବଦାନସମ୍ପର୍କରେଆଲୋଚନା କରିଥିଲେ। ଏଥିରେ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତଥିଲେ। ଶେଷରେ ଶିକ୍ଷୟିତ୍ରୀ ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ହିତୈଷିଣୀ ସମାଜସଭା ଗୃହରେ ଓଡ଼ିଶା ଦିବସ



ପାରଳାଖେମୁଣ୍ଡି,୧।୪(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଗଜପତି ଶାଖା ଅନୁକୁଲ୍ୟରେ ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ଓଡିଶା ଦିବସ ପାଳନ ହୋଇଛି। ଉକ୍ତ ସଭାରେ ସମାଜ ସଭାପତି ଭରତ ଭୂଷଣ ମହାନ୍ତି ଯୋଗଦେଇ ଓଡ଼ିଆ ଜାତିର ପୂର୍ବ ଗୌରବ ଓ ଗରିମାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ତଥା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଦକ୍ଷିଣ ସଂଭାଗ ମୁଖ୍ୟ ଡ଼.କଲ୍ୟାଣୀ ମିଶ୍ର ନିଜ ଅଭିଭାଷଣରେ ଓଡ଼ିଆ ଭାଷାର ଗୁରୁତ୍ୱ ଓ ଏହା ଦ୍ୱାରା ଏକ ରାଜ୍ୟ ଗଠନର ମହତ୍ୱ ଉପରେ ବର୍ଣ୍ଣନା କରିବା ସହ ନିଜ ଭାଷା ଓ ଜାତି ପ୍ରତି ଯତ୍ନବାନ ହେବାକୁ ପ୍ରବର୍ତ୍ତାଇ ଥିଲେ। ଅନୁଷ୍ଠାନର ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ଡ଼.ଶଶୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ରଥ ସଂଯୋଜନା କରିଥିବା ବେଳେ ସ୍ନିଗ୍ଧା ମିଶ୍ର, ଡ଼ି. ପ୍ରିୟଙ୍କା, ଅରୂପାଞ୍ଜଳି ମହାନ୍ତି, ମୁରଲୀ ପରିଛା, ମନୋଜ କୁମାର ପଣ୍ଡା ଓ ଆର୍ତ୍ତତ୍ରାଣ ଚଇନି ପରିଚାଳନା କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ଓଡ଼ିଶା ଦିବସ



ପାରଳାଖେମୁଣ୍ଡି,୨।୪(ସମିସ): ଉତ୍କଳ ସାମ୍ବାଦିକ ସଂଘ ଗଜପତି ଶାଖା ପକ୍ଷରୁ କାଶୀନଗର ସ୍ଥିତ ବିଜୁକଲ୍ୟାଣ ମଣ୍ଡପରେ ଓଡ଼ିଶା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, କାଶୀନଗର ଥାନା ଅଧିକାରୀ ତ୍ରିନାଥ ।ସେଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ଦ୍ୱୀଜେନ୍ଦ୍ରନାଥ ପାଢ଼ୀ, ସମ୍ପାଦକ ସରୋଜ କୁମାର ବୀର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ହୃଷୀକେଶ ଗୌଡ ଓ ପ୍ରଦୀପ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାପୁରୁଷଙ୍କ ଅବଦାନ ଓ ତାଙ୍କ ପ୍ରଚେଷ୍ଟାକୁ ମନେ ପକାଇବା ସହ ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱ ଓ ତାଙ୍କର ଅବିସ୍ମରଣୀୟ ଦୂରଦୃଷ୍ଟି ସମ୍ପର୍କରେ ଅଭିଭାଷଣ ରଖିଥିଲେ ଅତିଥି। ଏହି ଅବସରରେ ଜଣେ ଅବସରପ୍ରାପ୍ତ ବରିଷ୍ଠ ସାମ୍ବାଦିକ ତଥା ଖବରକାଗଜ ବିକ୍ରେତା ଏମ୍. ଲାଲୁ ଦାସଙ୍କୁ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ତଥା ବ୍ଲକସ୍ତରୀୟ ବହୁ ସାମ୍ବାଦିକ ସାମିଲ ହୋଇଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ, ସାହିତ୍ୟିକ ଓ ବରିଷ୍ଠ ବ୍ୟକ୍ତି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ପୃଥକ ବାଇକ୍ ଦୁର୍ଘଟଣାରେ ୬ ଆହତ

ପାରଳାଖେମୁଣ୍ଡି,୨।୪(ସମିସ)

ଗୋଷାଣି ବ୍ଲକ ଗୁରାଣ୍ଡି ଓ ଗାରାବନ୍ଧ ଥାନା ଅଞ୍ଚଳରେ ପୃଥକ ବାଇକ ଦୁର୍ଘଟଣାରେ ୬ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରାଣ୍ଡି ଥାନା ଅନ୍ତର୍ଗତ ସିୟୁଟିଏମ୍-ପାଟିକୋଟା ଗ୍ରାମ ମଧ୍ୟରେ ଖରଷଣ୍ଡା ଗ୍ରାମର ଯୁବକ ହେମନ୍ତ ପାଣି ଅଡ଼ବା ଗ୍ରାମର ତାଙ୍କ ସମ୍ପର୍କୀୟ ଏବଂ ତାଙ୍କ ୨ ସନ୍ତାନଙ୍କୁ ବସାଇ ପାରଳାଖେମୁଣ୍ଡି ଯାଉଥିଲେ। ବିପରିତ ଦିଗରୁ ଖରଷଣ୍ଡା ଗ୍ରାମର ଅନ୍ୟ ଜଣେ ଯୁବକ ବାଇକ୍‌ରେ ଯାଉଥିବାବେଳେ ଧକ୍କା ହୋଇଥିଲା। ଏଥିରେ ହେମନ୍ତଙ୍କ ମୁଣ୍ଡକୁ ଗଭୀର ଆଘାତ ଲାଗିଥିବା ବେଳେ ବାଇକରେ ବସିଥିବା ତାଙ୍କ ସମ୍ପର୍କୀୟ ମହିଳା ଓ ୨ ଶିଶୁ ଆହତ ହୋଇଥିଲେ। ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ସମସ୍ତ ଆହତଙ୍କୁ ପଥଚାରୀ ଅଟୋ ଯୋଗେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେମନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାବେଳେ ମହିଳା ଓ ଦୁଇ ଶିଶୁ ସାମାନ୍ୟ ଆଘାତ ଲାଗି ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

ସେହିପରି ଗାରାବନ୍ଧ ଥାନା ମାରିଙ୍ଗି ଗ୍ରାମ ଛକ ଲାବାଣ୍ୟଗଡ଼ ମଧ୍ୟରେ ଦୁଇ ବାଇକ ମଧ୍ୟରେ ଧକ୍କା ଘଟି ଉଭୟେ ଗୁରୁତର ହୋଇଥିଲେ। ସୂଚନା ପ୍ରକାରେ ଭିନ୍ନଳା ଗ୍ରାମର ରାଜେନ୍ଦ୍ର ବାରିକ ନାମକ ଯୁବକ ବ୍ରହ୍ମପୁରରେ ସ୍ଥାୟୀ ଭାବେ ରହି କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗର୍ଭବତୀ ହୋଇଥିବାରୁ ଦେଖିବାକୁ ଆସି ଆଜି ପୁଣି ବ୍ରହ୍ମପୁରକୁ ଫେରୁଥିଲେ। ସେ ଆନ୍ଧ୍ରର ସୋମପେଟା ଗ୍ରାମ ପାଖାପାଖି ପହଞ୍ଚିଥିବାବେଳେ ତାଙ୍କ ସ୍ତ୍ରୀ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଶିଶୁକୁ ଜନ୍ମ ଦେଇଥିବା ଫୋନ ଯୋଗେ ଜାଣିବାକୁ ପାଇଥିଲେ। ଏହି ଖବର ଜାଣି ସେ ପାରଳାଖେମୁଣ୍ଡିକୁ ଫେରୁଥିବାବେଳେ ଲାବାଣ୍ୟଗଡ଼-ମାରିଙ୍ଗି ମଧ୍ୟରେ ବିପରୀତ ଦିଗରୁ ପଲାସା ଯାଉଥିବା ଅନ୍ୟଏକ ବାଇକ ସହ ଧକ୍କା ହୋଇଥିଲା। ଏଥିରେ ଉଭୟ ବାଇକ ଚାଳକ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। କିଛି ପଥଚାରୀ ସେମାନଙ୍କୁ ଉଦ୍ଧାର କରି ଆନ୍ଧ୍ରର କୌଣସି ଚିକିତ୍ସାଳୟକୁ ନେଇଯାଇଛନ୍ତି। ରାଜେନ୍ଦ୍ର ଦୁର୍ଘଟଣା ସ୍ଥାନରେ ପଡ଼ି ରହିଥିଲେ। ଖବର ପାଇ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିଶିକା ପହଞ୍ଚି ନିଜେ ପଥଚାରୀଙ୍କ ସହାୟତାରେ ତୁରନ୍ତ ଉଦ୍ଧାର କରି ପୁଲିସ ଗାଡିରେ ବସାଇ ନେଇଥିଲେ। ପରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଠାରେ ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁରସ୍ଥ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ପଟେ ଶିଶୁ ଜନ୍ମ ହେବା ଖୁସିରେ ଥିବା ତାଙ୍କ ପରିବାର ରାଜେନ୍ଦ୍ରଙ୍କ ଏପରି ଦୁର୍ଘଟଣାରେ ଭାଙ୍ଗି ପଡ଼ିଛନ୍ତି। ଏନେଇ ଗାରାବନ୍ଧ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଉଭୟ ବାଇକକୁ ଜବତ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ନିସିକା ସୂଚନା ଦେଇଛନ୍ତି।

## ଓଲଟିଲା ଟ୍ରାକ୍ଟର: ଶ୍ରମିକ ମୃତ, ୩ ଆହତ

ଫିରିଙ୍ଗିଆ,୨।୪(ସମିସ): ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ଶାସିପଦର ସ୍କୁଲ ନିକଟରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଶ୍ରମିକଙ୍କ ନା ଜିତୁ କହଁର ଓ ତାଙ୍କ ଘର ଡ଼ିମିରିଗୁଡା ପଞ୍ଚାୟତର ବଗାଲି ଗାଁ ବୋଲି ଜଣାପଡିଛି। ସୂଚନା ଅନୁସାରେ ବୁଧବାର ଅପରାହ୍ନରେ ଏକ ଟ୍ରାକ୍ଟର କାମ ସାରି ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଏଥିରେ ବସିଥିବା ଶ୍ରମିକ ଜିତୁ ଟ୍ରାକ୍ଟର ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଟ୍ରାକ୍ଟରରେ ବସିଥିବା ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଫିରିଙ୍ଗିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ସହ ଅନ୍ୟ ତିନି ଜଣ ଆହତ ଶ୍ରମିକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଏହାସହ ଗୁରୁବାର ମୃତଦେହକୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ଶପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ। ଏହି ଘଟଣାକୁ ନେଇ ଥାନାରେ ଦୁର୍ଘଟଣା ଜନିତ ଏକ ମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି। ମୃତ ଯୁବକ ଜଣକ ଟ୍ରାକ୍ଟରରେ ଶ୍ରମିକ ଭାବରେ କାମ କରୁଥିଲେ। କିନ୍ତୁ ଦୁର୍ଘଟଣା ସମୟରେ ମୃତ ଶ୍ରମିକ ଜଣକ ଟ୍ରାକ୍ଟର ଚଳାଉଥିବା ଜଣାପଡିଛି। ସେପଟେ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ମଧ୍ୟ ପୁଲିସ ଜବତ କରିଛି।

## ୨ ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ



ଫିରିଙ୍ଗିଆ,୨।୪(ସମିସ): ଫିରିଙ୍ଗିଆ ବ୍ଲକରେ ପୁଲିସ ଓ ଅବକାରୀ ବିଭାଗ ଦ୍ୱାରା ଗଞ୍ଜେଇ ମୂଳ ପୋଛ କରିବା ପାଇଁ ଜୋରସୋର ପ୍ରୟାସ ଜାରି ରହିଛି। ବାରମ୍ବାର ପୁଲିସ ଓ ଆବକାରୀ ବିଭାଗ ଦ୍ୱାରା ଟନ ଟନ ଗଞ୍ଜେଇ ଜବତ ହେଉଥିବା ବେଳେ ଗଞ୍ଜେଇ ଚାଲାଣକାରୀଙ୍କ ସହ ଦାମୀ ଗାଡି ଜବତ ହେଉଥିଲେ ମଧ୍ୟ ଗଞ୍ଜେଇ ଚାଷ କିମ୍ବା ଚାଲାଣରେ କୌଣସି ରୋକ ଲାଗିପାରୁନାହିଁ।

କିଛିଦିନ ତଳେ ଫିରିଙ୍ଗିଆ ପୁଲିସ କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ କରିଥିଲା। ବହୁ ଦାମୀଗାଡ଼ି ସହ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ମଧ୍ୟ ଗଞ୍ଜେଇ ଚାଷ କିମ୍ବା ଚାଲାଣରେ କୌଣସି ରୋକ ଲାଗିପାରୁନାହିଁ। ପୁଣି ଗୋଛାପଡା ପୁଲିସ ମଙ୍ଗଳବାର ପକାରୀ ପଞ୍ଚାୟତ ବିଜାମାରି ଗାଁ ଜଙ୍ଗଲରେ ଚଢ଼ଉ କରି ୨ ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିବା ବେଳେ ସୂଚନା ପାଇ ଘଟଣାସ୍ଥଳର ଚାଲାଣକାରୀ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି।

ସୂଚନା ଅନୁସାରେ ଗୋଛାପଡା ପୁଲିସକୁ ଗଞ୍ଜେଇ ବିଜମାରି ଗାଁ ଜଙ୍ଗଲରେ ଚାଲାଣ କରାଯିବାକୁ ଗଚ୍ଛିତ ରଖାଯାଇଥିବା ସୂଚନା ମିଳିଥିଲା। ଥାନା ଅଧିକାରୀ ସଞ୍ଜିତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ବିଜାମାରି ଗାଁ ଜଙ୍ଗଲରେ ଅତର୍କିତ ଚଢ଼ଉ କରି ଶହେଟି ବସ୍ତାରେ ରଖାଯାଇଥିବା ଗଞ୍ଜେଇକୁ ଜବତ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଓଜନ ପରେ ଦୁଇ ହଜାର ପାଞ୍ଚ ସହ କୋଡିଏ କେଜି ଗଞ୍ଜେଇ ଥିବା ଜଣାପଡ଼ିଛି। ଥାନାରେ ଏସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗଞ୍ଜେଇ ଚାଲାଣକାରୀକୁ ପୁଲିସ ଖୋଜୁଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ଢୋଲ, ତୁରୀରେ ପ୍ରକମ୍ପିତ ପରିବେଶ | ଉତ୍ସବମୁଖର ସହର



ଜି.ଉଦୟଗିର,୨।୪(ସମିସ): ଜି. ଉଦୟଗିରିରେ ଆରମ୍ଭ ହୋଇଛି ୧୩ ଦିନିଆ ଦଣ୍ଡଯାତ୍ରା। ସାହି ସାହିରେ ଆଗକୁ ଦଣ୍ଡଯାତ୍ରା ହେବାକୁ ଥିବାବେଳେ ପଞ୍ଚୁ ଦଣ୍ଡ ମିଳନ ହେବା କାର୍ଯକ୍ରମ ରହିଛି। ଢୋଲ ତୁରୀରେ ପରିବେଶ ପ୍ରକମ୍ପିତ ହେବା ସହ ଉତ୍ସବମୁଖର ହୋଇଉଠିଛି ସହର। ଦଣ୍ଡଯାତ୍ରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ପୂଜା ସାମଗ୍ରୀ ଦୋକାନ ଖୋଲା ଯାଇଥିବା ବେଳେ, ବିନା ପିଆଜ ରସୁଣ ଜଳଖିଆ ଦୋକାନ ମଧ୍ୟ ଖୋଲିଛି। ଆଜି ବଡ଼ସାହିରେ ଦଣ୍ଡଯାତ୍ରା ହେଉଥିବା ବେଳେ ସହରରେ ଧୂଳିଦଣ୍ଡ, ଦଣ୍ଡ ଚରିତ୍ର, ପାଣିଦଣ୍ଡ, ଦଣ୍ଡଖେଳ, ଶୋଭାଯାତ୍ରା ଆଦି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଛି। ହାତୀଭୟରେ ଗାଁ ଗହଳିରୁ ଆସି ପାରୁନାହାନ୍ତି ଭକ୍ତ। ପ୍ରତିଦିନ ଦିନ ଦଣ୍ଡଯାତ୍ରା ହେବାକୁ ଥିବା ବେଳେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

## ଜନଗଣନା ପ୍ରଶିକ୍ଷଣ ଶିବିର ଶେଷ



ଜି.ଉଦୟଗିର,୨।୪(ସମିସ): ଜି.ଉଦୟଗିରି ସ୍ଥିତ ହବାକ୍ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୩ ଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ଗତ ୩୦ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଜି.ଉଦୟଗିରି ବ୍ଲକର ୮ ପଞ୍ଚାୟତରେ ଥିବା ସମସ୍ତ ଗ୍ରାମର ଘରକୁ ଘର ଯାଇ ଘର ଗଣନା କରାଯିବ। ପ୍ରତ୍ୟେକ ଅଧିକାରୀ ୩୪ ପ୍ରଶ୍ନ ଘର ମାଲିକଙ୍କୁ ପଚାରି ତାର ତଥ୍ୟ ସଂଗ୍ରହ କରିବେ। ଏହି ସମୟରେ ଘର ମାଲିକ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ୩ ଦିନିଆ ଶିବିରରେ ୬୯ ଜଣ ଶିକ୍ଷକ ନିୟୋଜିତ ରହିଛନ୍ତି ଓ ୧୩ ଜଣ ସୁପରଭାଇଜର ଏହାକୁ ତଦାରଖ କରିବେ। ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇ ମେ ମାସରେ ଏହା ସମାପ୍ତ ହେବ। ଏହି ଶିବିରକୁ ସ୍ଥାନୀୟ ତହସିଲଦାର ରଞ୍ଜନ ସାହୁ ତଥା ଜନଗଣନା ଅଧିକାରୀ, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା ଅତିରିକ୍ତ ଜନଗଣନା ଅଧିକାରୀ ଭାବେ ଶିବିର ପରିଚାଳନା କରିଥିଲେ। ସତ୍ୟବାନ ପ୍ରଧାନ, ସୁଦର୍ଶନ ସାହୁ, ପୁଷ୍ପଶ୍ରୀ ପଣ୍ଡାଙ୍କ ସମେତ ସମସ୍ତ ଅଧିକାରୀ ଏହାର ଦାୟିତ୍ୱ ନେଇଥିଲେ।

## 'ଆମ ପୋଷାକ ଆମ ପରିଚୟ' ଅଭିଯାନ



ଗୋଷାଣି,୨।୪(ସମିସ): ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଦିବସ ଦିବସ ଠାରୁ ମହାବିଷୁବ ସଂକ୍ରାନ୍ତି ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ଗୁଡ଼ିକ ସ୍ଥିର କରାଯାଇଛି। ଏହି କ୍ରମରେ ଆଜି ଆମ ପୋଷାକ ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ ପାଳିତ ହୋଇଛି। ଗୋଷାଣି ବ୍ଲକସ୍ତରୀୟ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ବ୍ଲକ କାର୍ଯ୍ୟାଳୟ ପରିସରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ, ବ୍ଲକ ଯୋଗାଣ ଅଧିକାରୀ ଜୀବନ ଜ୍ୟୋତି ପାଣିଗ୍ରାହୀ, ବ୍ଲକ କାର୍ଯ୍ୟାଳୟର ମୁଖ୍ୟକିରାଣୀ ରାଜେଶ୍ୱର ରଥ, ଆକାଉଣ୍ଟାଣ୍ଟ ଗଜେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ପାରମ୍ପାରିକ ପୋଷାକ ପରିଧାନ କରି ସଚେତନତା କରିଥିଲେ।

## ଟିକାବାଲି ବ୍ଲକରେ ଦଣ୍ଡଯାତ୍ରା | ଗାଁ ଗାଁ ବୁଲୁଛନ୍ତି ଦଣ୍ଡୁଆ



ଟିକାବାଲି,୨।୪(ସମିସ): ଦଣ୍ଡଯାତ୍ରା ଏବେ ଟିକାବାଲି ବ୍ଲକର କୋଣ ଅନୁକୋଣକୁ ଉତ୍ସବମୁଖର କରିଛି। ଗତକାଲିଠାରୁ ଜିଲ୍ଲାରେ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆଜି ଟିକାବାଲି ଅଞ୍ଚଳର ପୁରୁଣାଗଡ଼ ଓ ଛତିଝାର ଗ୍ରାମରେ ଚଳିତ ବର୍ଷର ପ୍ରଥମ ଦଣ୍ଡଯାତ୍ରା ପ୍ରଦର୍ଶିତ ହେଉଛି। ଏହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଟିକାବାଲି ବ୍ଲକର ପ୍ରମୁଖ ଦଣ୍ଡ ଦଳ ଏବେ ନିଜ ନିଜ ଅଞ୍ଚଳରେ ଯାତ୍ରା ପରିବେଷଣ କରୁଛନ୍ତି। ବିଶେଷ କରି ଲୁଜୁରାମୁଣ୍ଡା, କୁଚିଲାଗଡା, ତୁଙ୍ଗି, କଇଁଝର, ଡାମିଗୁଡା, ଗଣ୍ଡଗାଁ,ପେନାଳା ଏବଂ ବୁର୍ବିନାୟୁ ଭଳି ଦଣ୍ଡ ଦଳର ଦଣ୍ଡୁଆ ନିଷ୍ଠାର ସହ ବ୍ରତ ପାଳନ କରି ଗାଁକୁ ଗାଁ ବୁଲି ନୃତ୍ୟ ପ୍ରଦର୍ଶନ କରୁଛନ୍ତି। ମା' ରୁଦ୍ରକାଳୀ ଓ ପ୍ରଭୁ ଶିବଙ୍କ ମହିମା ପ୍ରଚାର କରିବା ସହ ଧୂଳିଦଣ୍ଡ ଓ ପାଣିଦଣ୍ଡ ମାଧ୍ୟମରେ ଦଣ୍ଡୁଆ ନିଜର କଠିନ ସାଧନା ପ୍ରଦର୍ଶନ କରୁଛନ୍ତି। ପ୍ରତିବର୍ଷ ବିଷୁବ ସଂକ୍ରାନ୍ତି ପୂର୍ବରୁ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ପାଇଁ ଲୋକଙ୍କ ମଧ୍ୟରେ ଅହେତୁକ ଆଗ୍ରହ ରହିଛି। ଆଜି ପୁରୁଣାଗଡ଼ ଏବଂ ଛତିଝାରରେ ଯାତ୍ରାର ପ୍ରଥମ ପ୍ରଦର୍ଶନ ହେଉଥିବାରୁ ଆଖପାଖ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଯାତ୍ରାସ୍ଥଳରେ ପହଞ୍ଚି ମାନସିକ ରଖିବା ସହ କଳାକାରଙ୍କ ନୃତ୍ୟକୁ ଉପଭୋଗ କରୁଛନ୍ତି। ଚଳିତ ବର୍ଷ ଏହି ପାରମ୍ପରିକ ଯାତ୍ରାରେ ଯୁବକଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳୁଛି। ଆଧୁନିକତା ଭିତରେ ମଧ୍ୟ ନିଜ ମାଟିର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଯୁବପିଢ଼ିଙ୍କ ଏହି ଆଗ୍ରହକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଆସନ୍ତା ୧୨ ଦିନ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ଗ୍ରାମରେ ଏହିପରି ଭକ୍ତିମୟ ପରିବେଶ ଜାରି ରହିବ।

# ଖରଷଣ୍ଡା ଗ୍ରାମରୁ ହଟିଲା ଜବରଦଖଲ



ପାରଳାଖେମୁଣ୍ଡି,୨।୪(ସମିସ)

ଗୋଷାଣି ବ୍ଲକ ଅନ୍ତର୍ଗତ ଖରଷଣ୍ଡା ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ଗତବର୍ଷ ଠାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଉକ୍ତ ଜମିରୁ ଜବରଦଖଲ ହଟାଇବା ନିମନ୍ତେ ଗୁରାଣ୍ଡି ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ମଧ୍ୟ ହୋଇଥିଲା। ହେଲେ ବ୍ୟକ୍ତି ଜଣକ ଖାତିର ନକରି ଝାଟିମାଟି, ଟିଣଛପର କରି ଏକ ଅସ୍ଥାୟୀ ପ୍ରାର୍ଥନା ଗୃହ କରିଥିଲେ। ଏନେଇ ଗଜପତି ଜିଲ୍ଲା ପ୍ରଶାସନ ବାରମ୍ବାର ହଟିବା ପାଇଁ ନିର୍ଦ୍ଦେଶ ଓ ବିଜ୍ଞପ୍ତି ଦେଇ ଆସୁଥିଲେ ମଧ୍ୟ ଜବରଦଖଲକାରୀ ହଟୁ ନ ଥିଲେ। ଆଜି ଜିଲ୍ଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଏବଂ ଗୁରାଣ୍ଡି ପୁଲିସର ଉପସ୍ଥିତିରେ ଜବରଦଖଲ ହୋଇଥିବା ସ୍ଥାନକୁ ଜେସିବିରେ ଭାଙ୍ଗିଛନ୍ତି।

ସୂଚନା ପ୍ରକାରେ, ଗ୍ରାମର ଆଲିସେଲି ମୌଜାରେ ଥିବା ଖାତା ନଂ ୧୫୫, ପ୍ଲଟ ନମ୍ବର ୨୮୨/୩୪୩ରେ ୦.୦୦୨୫ ଜମିରେ ବେଆଇନ ଭାବେ ଜୋର୍‌ଜବରଦସ୍ତ କରି ଅସ୍ଥାୟୀ ପ୍ରାର୍ଥନା ଗୃହ କରାଯାଇଥିଲା। ଯାହାକୁ ନେଇ ଗୁରାଣ୍ଡି ଗ୍ରାମବାସୀ ଓ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଥାନାର ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ହଟିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଥିଲା। ହେଲେ ଜବରଦଖଲକାରୀ ହଟିନଥିଲେ। ଆଜି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ଜବରଦଖଲକାରୀ ପରିବାର ସଦସ୍ୟ ହୋହାଲ୍ଲା କରିବା ସହ କୀଟନାଶକ ପିଇ ଆତ୍ମହତ୍ୟା କରିବୁ ବୋଲି ଧମକ ଦେଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲେ ମଧ୍ୟ ଗୁରାଣ୍ଡି ଥାନା ଏସ୍‌ଆଇ ଅମ୍ବିକା ବେଣିଆ, ଏଏସ୍‌ଆଇ ରାମକୃଷ୍ଣ ପାଣିଗ୍ରାହୀ ଏବଂ ଉପସ୍ଥିତ ପୁଲିସ ଫୋର୍ସ ବୁଝାସୁଝା କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ଜବରଦଖଲ ହଟାଇବାବେଳେ ଖରଷଣ୍ଡା ରାଜସ୍ୱ ନିରୀକ୍ଷକଙ୍କ ସମେତ ରାଜସ୍ୱ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ବାଜାବାଜଣା ପଟୁଆରରେ ଅବସରପ୍ରାପ୍ତ ଏସ୍‌ପିଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୨।୪(ସମିସ) : ମାର୍ଚ୍ଚ ୩୧ରେ ଅବସରଗ୍ରହଣ କରିଥିଲେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା। ବିଭିନ୍ନସ୍ତରରେ ଶ୍ରୀ ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ଆଜି ଶ୍ରୀ ପଣ୍ଡା ଗଜପତି ଜିଲ୍ଲା ଛାଡୁଥିବାରୁ ତାଙ୍କୁ ପୁଲିସ୍ କର୍ମୀ ଓ ଜନସାଧାରଣ ବାଜାବାଜଣା ଓ ପଟୁଆରରେ ନଗର ପରିକ୍ରମା କରାଇ ବିଦାୟ ଦେଇଥିଲେ।।ଏପରି ଭାବେ କେବେ ବି ଜଣେ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ଦେବାର ନଜିର ନାହିଁ ବୋଲି କୁହାଯାଇଛି। ଆଜି ରାଣୀପେଣ୍ଟ ସ୍ଥିତ ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ପଟୁଆରରେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡାଙ୍କୁ ପାଛୋଟି ଅଣାଯାଇଥିଲା। ଆତସବାଜି, ବାଦ୍ୟବାଜଣା, ବାଇକ୍ ଶୋଭାଯାତ୍ରା କରି ନଗର ପରିକ୍ରମା କରାଯାଇଥିଲା। ଏହି ସମୟରେ ଜନସାଧାରଣ ଶ୍ରୀ ପଣ୍ଡାଙ୍କ ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ଶ୍ରୀ ପଣ୍ଡା ଗଜପତି ଜିଲ୍ଲାରେ ସ୍ୱଳ୍ପ ବର୍ଷର କାର୍ଯ୍ୟ କରିବା ସମୟରେ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଏହି କାରଣରୁ ଶୋଭାଯାତ୍ରାରେ ସହରର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ। ଆଉ କିଛିବର୍ଷ ପୂର୍ବରୁ ଏହି ଜିଲ୍ଲାକୁ ଆସିବାର ଥିଲା ବୋଲି ଲୋକେ କହିଥିଲେ। ଏଭଳି କଥା ଶୁଣି ଶ୍ରୀ ପଣ୍ଡା ଭାବବିହ୍ୱଳ ହୋଇପଡ଼ିବା ସହ ସମୟେ ସମୟେ ଗଜପତି ଜିଲ୍ଲାକୁ ଆସିବେ ବୋଲି କହିଥିଲେ। ଆଜିର ଏହି ଶୋଭାଯାତ୍ରାରେ ପୁଲିସ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସମେତ ଶତାଧିକ ପୁଲିସ କର୍ମଚାରୀ ଓ ଜନସାଧାରଣ ଯୋଗ ଦେଇଥିଲେ।



